## ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଲା ମାର୍କଫେଡ୍, ଜୁଲାଇ-ଅଗଷ୍ଟରେ ଚାଷୀଙ୍କୁ ସାର ଯୋଗାଣ ସମ୍ଭାବନା କ୍ଷୀଣ

# 'ପ୍ୟାକ୍ସ' ନେଉନାହାନ୍ତି ୟୁରିଆ ସାର

**ପ୍ରକାଶ ସେଠୀ, ଭୁବନେଶ୍ୱର,୧୮।୬:**

ଖରିଫ ଚାଷ ପାଇଁ ସଠିକ୍ ସମୟରେ ରାଜ୍ୟର ଚାଷୀଙ୍କୁ ରିହାତି ଦରରେ ସାର ମିଳିବାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ରାଜ୍ୟର ଚାଷୀଙ୍କ ପାଇଁ ବିଭିନ୍ନ ସାର କମ୍ପାନୀରୁ ୧.୪୦ଲକ୍ଷ ମେଟ୍ରିକ ଟନ୍ ସବ୍‌ସିଡିଯୁକ୍ତ ୟୁରିଆ ଉଠାଣ କରିଥିବା ମାର୍କଫେଡ୍ ଏବେ ହରଡ଼ଘଣାରେ ପଡ଼ିଛି। ଉପ ରେଜିଷ୍ଟ୍ରାର ସମବାୟ ସୋସାଇଟି (ଡିଆରସିଏସ୍) ଓ ସହାୟକ ରେଜିଷ୍ଟ୍ରାର ସମବାୟ ସୋସାଇଟି(ଏଆରସିଏସ୍)ଗୁଡ଼ିକର ଅସହଯୋଗ ଯୋଗୁ ଏହି ୟୁରିଆକୁ ପ୍ରାଥମିକ କୃଷି ସମବାୟ ସୋସାଇଟି (ପ୍ୟାକ୍ସ) ଓ ଲ୍ୟାମ୍ପଗୁଡ଼ିକରେ ପହଞ୍ଚାଇବା ସମ୍ଭବପର ହେଉନି। ମାର୍କଫେଡ୍ ଏବେ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡ଼ି ତୁରନ୍ତ ଏହାର ସମାଧାନ ପାଇଁ ଅନୁରୋଧ କରିଛି। ଚାଷୀଙ୍କୁ ସଠିକ୍ ସମୟରେ ସାର ଯୋଗାଣ ପାଇଁ ଗଚ୍ଛିତ ଥିବା ୟୁରିଆକୁ ଜୁନ୍ ଶେଷ ସୁଦ୍ଧା ପ୍ୟାକ୍ସ ଓ ଲ୍ୟାମ୍ପସରେ ପହଞ୍ଚାଇବା ଜରୁରୀ ବୋଲି ମାର୍କଫେଡ୍ ପକ୍ଷରୁ ସରକାରଙ୍କୁ ଅବଗତ କରାଯାଇଛି।

ମିଳିଥିବା ସୂଚନା ଅନୁସାରେ ମାର୍କଫେଡ୍ ପରିଚାଳନା ନିର୍ଦ୍ଦେଶକ ଗତ ସପ୍ତାହରେ ସମବାୟ ସଚିବଙ୍କୁ ଚିଠି ଲେଖି କହିଛନ୍ତି ଯେ ଖରିଫ ଚାଷ ପାଇଁ ରାଜ୍ୟର ମୋଟ ୨୪୩୮ଟି ପ୍ୟାକ୍ସ ଓ ଲ୍ୟାମ୍ପସକୁ ୟୁରିଆ ଯୋଗାଣ ନିମନ୍ତେ ଜିଲ୍ଲାସ୍ତରରେ ଥିବା କେନ୍ଦ୍ରୀୟ ସମବାୟ ସୋଇଟିଗୁଡ଼ିକ ମୋଟ ୧ଲକ୍ଷ ୬ହଜାର ୬୯୧ ମେଟ୍ରିକ ଟନ୍ ୟୁରିଆ ନେବାକୁ ମାର୍କଫେଡ୍‌କୁ ଆଗୁଆ ସମ୍ମତି ଦେଇଥିଲେ। ସେହି ଆଧାରରେ ବିଭିନ୍ନ ସାର କମ୍ପାନୀଠାରୁ ମାର୍କଫେଡ୍ ମୋଟ ୧.୪୦ଲକ୍ଷ ମେଟ୍ରିକ ଟନ୍ ୟୁରିଆ ଆଣିଛି। କିନ୍ତୁ ଏଥିରୁ ମାତ୍ର ୧୭,୫୩୨ ମେଟ୍ରିକ ଟନ୍ ୟୁରିଆକୁ ବିଭିନ୍ନ ପ୍ୟାକ୍ସର ଗୋଦାମଘରକୁ ପହଞ୍ଚାଯାଇ ପାରିଛି। ବାକି ୟୁରିଆକୁ ନେବା ପାଇଁ ରେଜିଷ୍ଟ୍ରାର ସମବାୟ ସୋସାଇଟିଗୁଡ଼ିକ ଟାଳଟୁଳ ନୀତି ଆପଣାଇ ବିଭିନ୍ନ ପ୍ରକାର ଆଳ ଦେଖାଉଛନ୍ତି ବୋଲି ମାର୍କଫେଡ୍ ନିର୍ଦ୍ଦେଶକ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ପ୍ୟାକ୍ସ ଏରିଆ ମ୍ୟାନେଜର ୟୁରିଆ ନେବା ପରିବର୍ତ୍ତେ ସେମାନଙ୍କର ଗୋଦାମରେ ଖରିଫ ବିହନ, କ୍ରୟ ହୋଇଥିବା ଧାନ ଓ ଗତବର୍ଷର ସାର ଗଚ୍ଛିତ ଥିବା ଜଣାଇଛନ୍ତି। ସେହିପରି ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲା ପକ୍ଷରୁ ଯେତିକି ୟୁରିଆ ପାଇଁ ସମ୍ମତି ଦିଆଯାଇଥିଲା ତାହା ମାର୍କଫେଡ୍ ପକ୍ଷରୁ ପଠାଯାଇଥିଲେ ମଧ୍ୟ ସୋସାଇଟିଗୁଡ଼ିକ ତାକୁ ନରଖି ଫେରାଇ ଦେଇଥିଲେ। ସାର ପ୍ୟାକେଟ୍‌ରେ ଇଫ୍‌କୋ-୨୦୧୬ ପ୍ୟାଙ୍କି ଲେଖାଥିବାରୁ ସେମାନେ ଇଫ୍‌କୋ-୨୦୧୭ ଲେଖାଥିବା ଫ୍ରେସ୍ ୟୁରିଆ ଦେବାକୁ ଆଳ ଦେଖାଇଛନ୍ତି। ସେହିପରି ଗଞ୍ଜାମ ଡିଆରସିଏସ୍ ଖରିଫ-୨୦୧୭ ପାଇଁ ମୋଟ ୧୫,୯୬୬ ମେଟ୍ରିକ ଟନ୍ ୟୁରିଆ ନେବା ପାଇଁ ସମ୍ମତି ଦେଇଥିଲେ। କିନ୍ତୁ ଏବେ ଜୁନ୍ ମାସରେ କେବଳ ସେଥିରୁ ୫୦ ପ୍ରତିଶତ ନେବେ ଓ ବାକି ଜୁଲାଇରୁ ସେପ୍ଟେମ୍ବର ମାସ ମଧ୍ୟରେ ନେବେ ବୋଲି ଜଣାଇଛନ୍ତି। ମାର୍କଫେଡ୍‌କୁ ଆବଣ୍ଟିତ ୧.୪୦ଲକ୍ଷ ମେଟ୍ରିକ ଟନ୍ ୟୁରିଆକୁ ରଖିବାର ନିଜସ୍ୱ ଭିତ୍ତିଭୂମି ନଥିବାରୁ ତାକୁ ତୁରନ୍ତ ପ୍ୟାକ୍ସଗୁଡ଼ିକୁ ସ୍ଥାନାନ୍ତର ପାଇଁ ମାର୍କଫେଡ୍ ନିର୍ଦ୍ଦେଶକ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଡିଆରସିଏସ୍ ଓ ସିଆରଏସିସିଗୁଡ଼ିକର ଅସହଯୋଗ ଯୋଗୁ ଚାଷୀଙ୍କୁ

▶▶ ୬

ନିତିଦିନ NITIDIN Mon, Jun 19, 2017
http://odishanewsnitidin.com